ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଜୁଲାଇ, ୨୦୨୦



## ସଂକ୍ଷେପରେ

### ଯାଜପୁରରେ ପୁଣି ୪୦ ସଂକ୍ରମିତ

**ଯାଜପୁର ଅଫିସ/ଧର୍ମଶାଳା/ ସିଂହପୁର, ବିଞ୍ଝାରପୁର/୧୯।୭ (ଡି.ଏନ୍.ଏ.):** ଯାଜପୁର ଜିଲାରେ ରବିବାର ପୁଣି ୪୦ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକର ୧୦ ଜଣ ଥିବା ବେଳେ କୋରେଇର ୪, ଯାଜପୁର ମ୍ୟୁନିସିପାଲିଟିର ୨, ଯାଜପୁର ବ୍ଲକର ଜଣେ, ବରୀ ବ୍ଲକର ଜଣେ ଓ ବିଞ୍ଝାରପୁର ବ୍ଲକର ୨୨ ଜଣ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୫ ଜଣ ସ୍ଥାନୀୟ ବ୍ୟକ୍ତି ହୋଇଥିବାବେଳେ ଅନ୍ୟମାନେ ଉତ୍ତରପ୍ରଦେଶ, କୋଲକାତା, ତେଲେଙ୍ଗାନା, ହରିୟାନା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, କର୍ଣାଟକ ଓ ଦିଲ୍ଲୀ ଫେରନ୍ତା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୯୯୨ରେ ପହଞ୍ଚିଛି। ସୂଚନାଥାଉ କି, ଧର୍ମଶାଳା ବ୍ଲକରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି। କରୋନା ଲକ୍ଷଣ ଦେଖାଯିବାରୁ ୬ଦିନ ପୂର୍ବେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରବିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜଣାପଡ଼ିଛି।

### ମଦ ଦୋକାନ ଆଗରେ ତାଲା, ପଛରେ ଖୋଲା

**ରାଜନଗର, ୧୯।୭ (ଡି.ଏନ୍.ଏ.):** କରୋନା ମୁକାବିଲା ପାଇଁ କେନ୍ଦ୍ରାପଡା ଜିଲାପାଳ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ୨ ଦିନ କେବଳ ଔଷଧ ଦୋକାନକୁ ଛାଡି ଅନ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ରାଜନଗର ବିଡିଓଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ବ୍ଲକରେ ପ୍ରଚାର କରାଯାଇଛି। ମାତ୍ର ବ୍ଲକର ଏକ ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନରେ ଖୁଲମ୍‌ଖୁଲା ବ୍ୟବସାୟ କରାଯାଉଛି। ଏହି ଦୋକାନର ସମ୍ମୁଖ ଭାଗରେ ତାଲା ପଡ଼ିଥିବା ବେଳେ ପଛପଟେ କବାଟ ଖୋଲା କରି ବ୍ୟବସାୟ କରାଯାଉଛି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ମାର୍ଶାଘାଇ, ୧୯।୭(ଡି.ଏନ୍.ଏ.):** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାର୍ଶାଘାଇ ବ୍ଲକ ଶାସନିପଡା ଗ୍ରାମର ରଶ୍ମିରଞ୍ଜନ ନାୟକ(୨୩)ଙ୍କ ରବିବାର ମୃତ୍ୟୁ ଘଟିଛି। ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ସେ ଗୁରୁତର ହୋଇଥିଲେ। ପରିବାର ସଦସ୍ୟ ତାଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ କରୋନା ସନ୍ଦିଗ୍ଧଙ୍କ ମୃତ୍ୟୁ

**ଆଳି,୧୯।୭(ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅରେହିକଣା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଟଙ୍କା ଗ୍ରାମର ଜଣେ ଯୁବକଙ୍କ ଛତାସ୍ଥିତ କୋଭିଡ ହସ୍ପିଟାଲରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଯୁବକ ୧୦ ଜୁଲାଇରେ ବେଙ୍ଗାଲୁରୁରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଗୁରୁବାର ଥଣ୍ଡା,ଛିଙ୍କ ଓ କାଶ ସହ ସାମ୍ୟାନ୍ୟ ଜ୍ୱର ହେବାରୁ ଆଳି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କ ସମେତ ସ୍ତ୍ରୀ ଓ ୨ ବର୍ଷ ଝିଅର ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଝିଅର ରିପୋର୍ଟ ନେଗେଟିଭ ଆସିଥିବା ବେଳେ ସମ୍ପୃକ୍ତ ଯୁବକ ଓ ତାଙ୍କ ସ୍ତ୍ରୀଙ୍କ ରିପୋର୍ଟ ନନ୍‌କନକ୍ଲୁସିଭ(ଅସ୍ପଷ୍ଟ)ଆସିଥିଲା ବୋଲି ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଦାୟିତ୍ୱରେ ଥିବା ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନ ସୂଚନା ଦେଇଛନ୍ତି। ରବିବାର ସକାଳେ ମେଡିକାଲ ଟିମ୍ ପୁନର୍ବାର ତାଙ୍କ ସ୍ୱାବ ସଂଗ୍ରହ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତାସ୍ଥିତ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ପରେ କୋଭିଡ-୧୯ ନିୟମ ମୁତାବକ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ନ କରି କଜଳା ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୋମବାର ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ଡାକ୍ତର ଇନ୍ଦ୍ରଭାନୁ କହିଛନ୍ତି।

# ବିକାଶର ରେଳକୁ ଅପେକ୍ଷା

**କେନ୍ଦ୍ରାପଡା ଅଫିସ, ୧୯।୭**

କେନ୍ଦ୍ରାପଡା ଜିଲା ମଧ୍ୟ ଦେଇଯାଇଥିବା ହରିଦାସପୁର ପାରାଦୀପ ନୂଆ ବ୍ରଡ୍‌ଗେଜ ରେଳପଥର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେବେ ଏହି ରେଳପଥର ଯାଞ୍ଚ ହୋଇ ନ ଥିବାରୁ ରେଳ ଗଡ଼ିବା ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା ହୋଇନାହିଁ। ରେଳ ଗଡ଼ିଲେ କେନ୍ଦ୍ରାପଡ଼ା ଜିଲାରେ ବିଭିନ୍ନ ଶିଳ୍ପ ଗଡ଼ିଉଠିବା ସହ ପର୍ଯ୍ୟଟନର ବିକାଶ ହେବ। ଏହାଦ୍ୱାରା ଜିଲାରେ କର୍ମନିଯୁକ୍ତି ବଢ଼ିବ ବୋଲି ସାଧାରଣରେ ଆଶା କରାଯାଉଛି।

୧୮୯୩ରୁ ୧୮୯୬ ମଧ୍ୟରେ ଓଡ଼ିଶାରେ ରେଳ ଚଳାଚଳ ଆରମ୍ଭ ହୋଇଥିଲା । ତେବେ କେନ୍ଦ୍ରାପଡ଼ା ଜିଲାରେ ୧୯୯୮ରୁ ରେଳପଥ ଯୋଜନା ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୂର୍ଣ୍ଣାଙ୍ଗ ହୋଇ ନାହିଁ । ରେଳ ଗଡ଼ିଲେ ଜିଲାର ମହାକାଳପଡା ଅଞ୍ଚଳରେ ପାୱାର ଥର୍ମାଲ ନିର୍ମାଣ ସହ ଅନ୍ୟ କ୍ଷୁଦ୍ର ଓ ବୃହତ ଶିଳ୍ପ ପ୍ରତିଷ୍ଠାନ ପାଇଁ ବାଟ ଖୋଲିବ। ଜାତୀୟ ଉଦ୍ୟାନ ଭିତରକନିକା ଓ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରି ବଟଘର, ହୁକିଟୋଲା ଆଦି କୀର୍ତ୍ତି ସମ୍ବଳିତ ସ୍ଥାନରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବ ବୋଲି ବୁଦ୍ଧିଜୀବୀ ଡା. ପି.ଏନ୍ ଗୌରାଙ୍ଗ

**କେନ୍ଦ୍ରାପଡ଼ା ଜିଲା**



କେନ୍ଦ୍ରାପଡ଼ା ସହର ନିକଟ ଗୋବରୀ କେନାଲ ଉପରେ ଯାଇଥିବା ରେଳପଥ।

- ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ ରେଳପଥ ନିର୍ମାଣ ସରିଛି, ଯାଞ୍ଚ ହୋଇନି
- ରେଳ ଗଡ଼ିଲେ ଶିଳ୍ପ ଗଡ଼ିଉଠିବ
- ନିଯୁକ୍ତି ମିଳିବ, ପର୍ଯ୍ୟଟନର ଆଦାର ବଢ଼ିବ

କହିଛନ୍ତି। ଫାଟକବିହୀନ ଏହି ୮୨ କିଲୋମିଟର ରେଳପଥରେ ଯାଜପୁର ଜିଲାର ଚଣ୍ଡିଖୋଲ, ରତ୍ନଗିରି, ଲଳିତଗିରି, କେନ୍ଦ୍ରାପଡାର ବାଜିପଡା, କେନ୍ଦ୍ରାପଡା, ମାର୍ଶାଘାଇ, କଳଘର, ଜଗତ୍‌ସିଂହପୁରର ନୂଆଗାଁ ଓ ସିଜୁ ଆଦି ସ୍ଥାନରେ ନୂତନଭାବେ ରେଳ ଷ୍ଟେଶନ ନିର୍ମାଣ ହୋଇଛି । ଯାତ୍ରୀବାହୀ ରେଳ ଚଳାଚଳ କଲେ ଜିଲାବାସୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି। ଜଗତସିଂହପୁର ଓ ଯାଜପୁର ଶିଳ୍ପାଞ୍ଚଳକୁ ଏହି ରେଳ ପଥ ସଂଯୋଗ କରୁଥିବାରୁ ପରିବହନକାରୀ ଟ୍ରେନରେ କଞ୍ଚାମାଲ ଅଣାଯାଇ କେନ୍ଦ୍ରାପଡା ଜିଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ଏଥିସହ ମହାକାଳପଡା ବ୍ଲକ ଅଞ୍ଚଳରେ ୬୬୦ ମେଗାୱାଟ ପାୱାର ପ୍ଲାଣ୍ଟ ନିର୍ମାଣ ପାଇଁ ବାଟ ଖୋଲିବ। ୨୦୧୧ ଜାନୁୟାରୀ ୩ ତାରିଖରେ ଏଥିପାଇଁ ଚେନ୍ନାଇସ୍ଥିତ ମେସର୍ସ ଏସ୍‌ପିଆଇ ପୋର୍ଟ ପ୍ରାଇଭେଟ ଲିମିଟେଡ୍ (ଏସ୍‌ପିଆଇପିଏଲ) ସହ ରାଜ୍ୟ ସରକାରଙ୍କ ଏମ୍‌ଓୟୁ ହୋଇଥିଲା। ମାତ୍ର ରେଳପଥ ନ ଥିବାରୁ ଏହା ବନ୍ଦ ରହିଛି। ରେଳ ଗଡ଼ିଲେ ମହାକାଳପଡାର ଆଖଡାଶାଳୀସ୍ଥିତ ନଦୀଭିତ୍ତିକ ବନ୍ଦର କାର୍ଯ୍ୟ ସୁଗମ ହେବ। କେନ୍ଦ୍ରାପଡା ପୌରାଞ୍ଚଳର ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା କୁହନ୍ତି, ପରିବହନ ଓ ଯାତାୟାତ ପାଇଁ ରେଳ ହେଉଛି ବିକାଶର ଭିତ୍ତିଭୂମି। ଏଥିସହ ଶିକ୍ଷା ଠାରୁ ଶିଳ୍ପ ପର୍ଯ୍ୟନ୍ତ ରେଳ ଯୋଗାଯୋଗର ଆବଶ୍ୟକତା ରହିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଜିଲାରେ ଅଦ୍ୟାବଧି ରେଳ ଗଡ଼ି ନାହିଁ। ରେଳ ଗାଡ଼ି ଚାଲିଲେ ଜିଲାର ଯୁବବର୍ଗଙ୍କୁ କର୍ମନିଯୁକ୍ତିର ସୁଯୋଗ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଜଗତ୍‌ସିଂହପୁର ଜିଲାରେ ପ୍ରଥମ କରୋନା ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ,୧୯।୭**

- ୫୦୦ ଟପିଲା ସଂକ୍ରମିତ ସଂଖ୍ୟା
- ଦିନକରେ ସର୍ବାଧିକ ୪୦ ପଜିଟିଭ୍

ଜଗତ୍‌ସିଂହପୁର ଜିଲାରେ ରବିବାର ପ୍ରଥମ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ବୟସ ୬୭ ବର୍ଷ ବୋଲି ଜଣାଯାଇଛି। ତେବେ ସମ୍ପୃକ୍ତ ବ୍ୟକ୍ତି ମଧୁମେହ ରୋଗରେ ଆକ୍ରାନ୍ତ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ୫୩୧ରେ ପହଞ୍ଚିଛି। ଗୋଟିଏ ଦିନରେ ସର୍ବାଧିକ ୪୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ଜିଲାବାସୀଙ୍କ ମନରେ ଭୟ ସୃଷ୍ଟି କରିଛି। ୪୦ ସଂକ୍ରମିତଙ୍କ ମଧ୍ୟରେ ପାରାଦୀପରୁ ୧୯, ତିର୍ତ୍ତୋଲ ୧୬, କୁଜଙ୍ଗ ୩ ଓ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୨ ଜଣ ରହିଛନ୍ତି। ପାରାଦୀପର ୧୯ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୧୫ ଓ ପଶ୍ଚିମବଙ୍ଗରୁ ଜଣେ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଝାଡ଼ଖଣ୍ଡରୁ ୧, ତାମିଲନାଡୁରୁ ୧ ଓ ଉତ୍ତରାଖଣ୍ଡରୁ ଜଣେ ଫେରି ଆଇସୋଲେଶନ୍‌ରେ ରହିଛନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ପଜିଟିଭ୍‌ଙ୍କ ସହ ସେମାନେ ସିଧାସଳଖ ସମ୍ପର୍କରେ ଆସି ସଂକ୍ରମିତ ହୋଇଥିବା ଜଣାଯାଇଛି। ତିର୍ତ୍ତୋଲର ୧୬ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୧, ଆନ୍ଧ୍ରପ୍ରଦେଶ ୨, ତାମିଲନାଡୁ ୩, ତେଲଙ୍ଗାନା ୩ ଓ କର୍ଣାଟକରୁ ୬ ଜଣ ଫେରି କ୍ଲଷ୍ଟରସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ଥିଲେ। ଅନ୍ୟଜଣକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ରୋଷେୟାଙ୍କ ସହାୟକ ଭାବେ କାମ କରୁଥିବାବେଳେ ସେଠାରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କୁଜଙ୍ଗର ୩ ଜଣଙ୍କ ମଧ୍ୟରୁ କର୍ନାଟକରୁ ୧ ଓ ଏଲ୍ ଆଣ୍ଡ ଟି ଅଫିସରଙ୍କୁ ନବାଆଣିବା କାମରେ ଥିବା ୨ ଜଣ ଡ୍ରାଇଭର ରହିଛନ୍ତି। ଜଣେ ଟିଏମ୍‌ସିରେ ଏବଂ ୨ ଜଣ ହୋମ କ୍ୱାରାଣ୍ଟାଇନରେ ରହୁଛନ୍ତି। ଜଗତ୍‌ସିଂହପୁରର ୨ ଜଣ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହାଉସ କିପିଂ କର୍ମଚାରୀ ଥିବା ସହ ସେଠାରେ ସେମାନଙ୍କ ସ୍ୱାବ୍ ରିପୋର୍ଟ ପରୀକ୍ଷା ପରେ ପଜିଟିଭ୍ ଚିହ୍ନଟ ହୋଇଛି।

# ଖଣି ଅଞ୍ଚଳରେ କେମିକାଲ ମିଶା ମଦ ବିକ୍ରି

**କାଳିଆପାଣି, ୧୯।୭ (ଡି.ଏନ୍.ଏ.)**

- ମାସିକିଆ ଚାନ୍ଦା ଦେଇ ମଦ କାରବାର କରୁଛୁ: ଅସାଧୁ ବ୍ୟବସାୟୀ
- ଅବକାରୀ ବିଭାଗ, ପୋଲିସର କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ

କାଳିଆପାଣି ଖଣି ଅଞ୍ଚଳରେ ବେଆଇନ ମଦ ବିକ୍ରି ଦିନକୁ ଦିନ ବଢୁଥିବା ବେଳେ ମହୁଲି ବା ଦେଶୀ ମଦ ରାନ୍ଧି ବିକ୍ରି କରୁଥିବା ବ୍ୟବସାୟୀମାନେ ସେଥିରେ କେମିକାଲ ମିଶ୍ରଣ କରି ବିକୁଛନ୍ତି। କୋଳିପଶି ଗୁପ୍ତାହଟିଂ, କାଳିଆପାଣି ଓ ଟାଟା ଖଣି କମ୍ପାନୀ ନିକଟରେ ଗଢ଼ି ଉଠିଥିବା ହଟିଂ ଆଦି ସ୍ଥାନରେ ବେଧଡକ ଭାବେ ମଦ ବ୍ୟବସାୟ ଚାଲୁଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ଖୁବ୍ ସହଜରେ ମଦ ମିଳିଯାଉଥିବା ବେଳେ ରୋଜଗାର ଅର୍ଥ ମଦ ପିଇ ବରବାଦ୍ କରିଦେଉଛନ୍ତି। ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅବକାରୀ ବିଭାଗ ଓ ପୋଲିସର ଅବହେଳା ଯୋଗୁ ଅବାଧରେ ମଦ ବ୍ୟବସାୟ ଚାଲୁଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଖଣି ଅଞ୍ଚଳର ଚିରୁଗୁଣିଆଁଠାରେ ବିଦେଶୀ ମଦ ଦୋକାନ କରିବାକୁ ଲାଇସେନ୍ସ ଆଣିଥିବା ଜଣେ ବ୍ୟବସାୟୀ ବେଆଇନ ଭାବେ ଭିମଟାଙ୍ଗରଠାରେ ମଦ ଦୋକାନ କରିଥିବା ଅଭିଯୋଗ ହୋଇଛି। ସହିପରି ପାନ ଓ ଗ୍ରସେରୀ ଦୋକାନରେ ବି ମଦ ବିକ୍ରି କରାଯାଉଛି। ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ପ୍ରସ୍ତୁତ ଲାଇସେନ୍ସପ୍ରାପ୍ତ ଦେଶୀ ମଦ, କାମାକ୍ଷାନଗର ଥାନା ଅଧୀନ ଦରଟୋଟା ଓ କୋଳିପଶି, ଦେଓଗାଁ, ଗୋଡ଼ିସାହିରେ ସାର ଦିଆଯାଇ ମହୁଲି ମଦ ରନ୍ଧାଯାଇ ଏହାକୁ ବିକ୍ରି କରାଯାଉଛି। ବିଭାଗୀୟ ଅଧିକାରୀଙ୍କୁ ମାସିକିଆ ଚାନ୍ଦା ଦେଇ ମଦ ବ୍ୟବସାୟ କରୁଛନ୍ତି ବୋଲି ଜଣେ ବ୍ୟବସାୟୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଚୋରା ମଦ କାରବାର ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ବି ଏ ଦିଗରେ କିଛି ପଦକ୍ଷେପ ନିଆଯାଉନାହିଁ। ଏ ସମ୍ପର୍କରେ କାଳିଆପାଣି ଥାନାଧିକାରୀ କୁହନ୍ତି, ଚୋରା ମଦ କାରବାର ନେଇ ଖବର ମିଳିଲେ ତୁରନ୍ତ ସେଠାରେ ଚଢ଼ାଉ କରାଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଉଛି। ଏ ନେଇ ଯାଜପୁର ଅବକାରୀ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ।

# ମଦ ରନ୍ଧା ସାମଗ୍ରୀ ଜବତ, ୨ ହଜାର ଲିଟର ପୋଚ ନଷ୍ଟ

**ଖଣ୍ଡପଡା,୧୯।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ୧୨ନଂ ୱାର୍ଡ ଅଧୀନ ଗୋଳାପୋଖରୀ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ଦେଶୀ ମଦରନ୍ଧା ଭାଟିରେ ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀ ରବିବାର ଚଢାଉ କରିଛନ୍ତି। ଚଢ଼ାଉବେଳେ ବିପୁଳ ମଦ ରନ୍ଧା ସାମଗ୍ରୀ ଜବତ ସହ ୨ ହଜାର ଲିଟର ପୋଚ ନଷ୍ଟ କରିଛନ୍ତି। ଉକ୍ତ ସ୍ଥାନରୁ କର୍ମଚାରୀ ମଦ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ଗୁଡ଼, ପିଡିଆ ଓ ଅନ୍ୟ ସାମଗ୍ରୀ ଜବତ କରିଛନ୍ତି। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଶ୍ରୀନିବାସ ଦାଶ, ଶ୍ରୀନିବାସ ମହାପାତ୍ର ଓ ଅନ୍ୟ କର୍ମଚାରୀ ଚଢାଉରେ ସାମିଲ ଥିଲେ। ଚଢାଉ ବେଳେ ମଦ ମାଫିଆ ଫେରାର ହୋଇଯାଇଥିବା ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

# ୨ ବେଆଇନ ଗୁଣ୍ଡି କାରଖାନାରେ ଚଢ଼ାଉ


ଜବତ କଞ୍ଚାମାଲ।

## କଞ୍ଚାମାଲ ଜବତ, ଗୋଦାମ ସିଲ୍

**ରସୁଲପୁର, ୧୯।୭ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ହରିପୁର ବାଜର ନିକଟରେ ଥିବା ମହାନ୍ତି ଗୁଣ୍ଡି କାରଖାନାରେ ଶନିବାର ରାତିରେ କୁଆଖିଆ ଥାନା ପୋଲିସ ଚଢ଼ାଉ କରି କଞ୍ଚାମାଲ ଜବତ କରିଛି। ଉକ୍ତ କାରଖାନାକୁ ଦୁଇ ଭାଇ ସଞ୍ଜୟ ମହାନ୍ତି ଓ ଅଞ୍ଜନ ମହାନ୍ତି ଚଳାଉଥିବା ପୋଲିସ ଖବର ପାଇଥିଲା। କାରଖାନାରେ ଚଢ଼ାଉ ସମୟରେ ଗୁଣ୍ଡି ପ୍ରସ୍ତୁତ କରିବା ପାଇଁ ସେମାନଙ୍କ ନିକଟରେ ଆଇନଗତ କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଏହାପରେ ପୋଲିସ ଅଞ୍ଜନଙ୍କ ଗୋଦାମରୁ ୨୦ବସ୍ତା ଧଣିଆ, ୧୦ବସ୍ତା ଦୋକ୍ତାପତ୍ର, ୧୬ବସ୍ତା ଚୁନ, ୧୫ ଡବା ଚୁଆ, ୨୦ଟି ଗୁଡାଖୁ ଭର୍ତ୍ତି ଟିଣ ଜବତ କରିବା ସହ ସଞ୍ଜୟଙ୍କ ଗୋଦାମରୁ ୨ବସ୍ତା ଦୋକ୍ତା ଓ ୧ବସ୍ତା ଦୋକ୍ତାପତ୍ର ଗୁଣ୍ଡ, ୭ବସ୍ତା ଗୁଣ୍ଡି, ୨୦ ବସ୍ତା ଧନିଆ, ୧୭ବସ୍ତା ଚୁନ ଜବତ କରିଛି। ଗୁଣ୍ଡି ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଥିବା ମେଶିନକୁ ମଧ୍ୟ ପୋଲିସ ଜବତ କରିଛି। ରସୁଲପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ଜ୍ୟୋତିକାନ୍ତ ଭୁଜବଳଙ୍କ ଉପସ୍ଥିତରେ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଗୋଦାମ ଘର ସିଲ୍ କରିଛନ୍ତି। ମାମଲା ଫଇସାଲା ନହେବା ପର୍ଯ୍ୟନ୍ତ ମାଲିକ ସେହି ଗୋଦାମକୁ ବ୍ୟବହାର କରିପାରିବେ ନାହିଁ ବୋଲି ପୋଲିସ କହିଛି। ଅଞ୍ଜନ ଓ ସଞ୍ଜୟଙ୍କୁ ପୋଲିସ ଥାନାକୁ ଆଣିଥିବା ବେଳେ ନୋଟିସ ଜାରି କରି ଛାଡ଼ି ଦେଇଛି। ଏ ନେଇ ମାମଲା (ନଂ.-୨୪୦/୨୦) ରୁଜୁ ହୋଇଛି।


କରୋନା ଯୋଗୁ ମାଛଧରା ବନ୍ଦ ରହିଥିବାରୁ ପାରାଦୀପର କାଉଡ଼ିଆ ନଦୀରେ ପାରମ୍ପରିକ ମାଛଧରା ଡଙ୍ଗାଗୁଡ଼ିକ ବନ୍ଧାହୋଇ ରହିଛି।

# ଜଙ୍ଗଲ ଜମିରୁ ବେଆଇନ ମୋରମ ଲୁଟ୍

**ଜେନାପୁର, ୧୯।୭ (ଡି.ଏନ୍.ଏ.)**



## ଚୋରାଚାଲାଣରେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମ୍ପୃକ୍ତି ଚର୍ଚ୍ଚା

ଧର୍ମଶାଳା ତହସିଲ ତଥା ଡ଼ାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଧୀନ ମହୁଲଖଳି ଗ୍ରାମ ନିକଟସ୍ଥ ଚାଖୁଣ୍ଡାବଣିଠାରେ ଜଙ୍ଗଲ ଓ ରାଜସ୍ୱ ଜମିରୁ ମୋରମ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ଏହି ଚୋରା କାରବାର ଚାଲିଥିବା ବେଳେ ଚୋରାଚାଲାଣକାରୀଙ୍କୁ ଲକ୍‌ଡାଉନ୍ ସୁହାଉଛି ବୋଲି ଅଞ୍ଚଳବାସୀ କହିଛନ୍ତି। ପ୍ରତ୍ୟହ ରାତି ୯ଟାରୁ ବଡ଼ ବଡ଼ ମେଶିନ ସାହାଯ୍ୟରେ ମୋରମ୍ ଖୋଳାଯାଇ ହାଇୱା ଯୋଗେ ଚୋରା ଚାଲାଣ କରାଯାଉଛି। ପ୍ରତିଦିନ ଏଠାରୁ ପ୍ରାକୃତିକ ସମ୍ପଦ ଲୁଟ୍ ହେଉଥିବା ବେଳେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଉକ୍ତ ଅଞ୍ଚଳର ୫ଟି ସ୍ଥାନରୁ ମୋରମ୍ ଚୋରାଚାଲାଣ କରି ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ତେବେ ଏହି ବେଆଇନ କାର୍ଯ୍ୟରେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମ୍ପୃକ୍ତି ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାଛଡ଼ା ସ୍ଥାନୀୟ ଅଞ୍ଚଳବାସୀ ଚୋରାଚାଲଣକୁ ବିରୋଧ କଲେ ସେମାନଙ୍କୁ ଅନେକ ସମୟରେ ନାନା ଧମକ ଚମକ ଦିଆଯାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ଚୋରା ଚାଲାଣ ସମ୍ପର୍କରେ ଆମ ପାଖରେ ସୂଚନା ନାହିଁ। ଅଭିଯୋଗ ମିଳିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିନା ସ୍ୱୀକୃତିରେ ଚାଲିଛି ଘରୋଇ ସ୍କୁଲ

**ଯାଜପୁର ଅଫିସ,୧୯।୭**

- ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକଙ୍କ ତଦନ୍ତ ନିର୍ଦ୍ଦେଶ
- ପତ୍ରରେ ସୀମିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଯାଜପୁର ଜିଲାର ଏକତୃତୀୟାଂଶ ଘରୋଇ ସ୍କୁଲର ସ୍ୱୀକୃତି ପ୍ରମାଣପତ୍ର ବା ସିଓଆର(ସାର୍ଟିଫିକେଟ ଅଫ୍ ରେକଗ୍‌ନାଇଜେଶନ) ନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୬।୧୧।୨୦୧୮ ଓ ୧୬।୩।୨୦୧୯ରେ ତଦନ୍ତ କରି ସିଓଆର୍ ନ ଥିବା ସ୍କୁଲ ବିରୋଧରେ କାରଣ ଦର୍ଶାଅ ନୋଟିସ ଦେବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆଶାନୁରୂପ ପଦକ୍ଷେପ ଗ୍ରହଣ ନ ହେବାରୁ ପୁଣି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଗତ ୧୭ ତାରିଖରେ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲାରେ ଥିବା ବିନା ସିଓଆର୍ ସ୍କୁଲ ମାଲିକମାନଙ୍କ ମଧ୍ୟରେ ଛନକା ପଶିଛି ବୋଲି ଚର୍ଚ୍ଚା ହେଉଛି।

ଆଇନଗତ ଅଧିକାର ନଥିବା ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନାମ ଲେଖାଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବୁଝି ବିଚାରି ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାଙ୍କ ନାମ ନ ଲେଖାଇବାକୁ ୨୦୧୮ ଡିସେମ୍ବରରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏକ ନୋଟିସ ମାଧ୍ୟମରେ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ତଥାପି ଏଯାଏ ଶତାଧିକ ବିଦ୍ୟାଳୟ ସିଓଆର୍ ପାଇ ନ ଥିବାରୁ ସେହି ସ୍କୁଲଗୁଡ଼ିକରେ ଅଧ୍ୟୟନରତ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଇଛି ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ଶିଳ୍ପର ଆଗମନ ପରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଉପରେ ପ୍ରଶାସନର କୌଣସି ଅଙ୍କୁଶ ରହୁନାହିଁ। ଯାଜପୁର ଜିଲାରେ ୩୦୦ରୁ ଅଧିକ ଘରୋଇ ସ୍କୁଲ ଏବଂ କଲେଜ ରହିଛି। ଏଥିରେ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍ୱୀକୃତି ପାଇଥିବା ଶିକ୍ଷାନୁଷ୍ଠାନଗୁଡିକର ଆବଶ୍ୟକ ଜମି ଏବଂ ଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ ପ୍ରଭୃତି ଦିଗଗୁଡିକ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ ଯାଞ୍ଚ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କୌଣସି ଯାଞ୍ଚ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସ୍କୁଲ ଖୋଲିବା ପାଇଁ ଗାଇଡ୍‌ଲାଇନ ଅନୁସାରେ ଗ୍ରାମାଞ୍ଚଳରେ ଅନ୍ୟୂନ ୨ ଏକର ଜମି, ପୌରାଞ୍ଚଳରେ ଦେଢ ଏକର ଏବଂ କର୍ପୋରେଶନ ଅଞ୍ଚଳରେ ଅନ୍ୟୂନ ୧ ଏକର ଜମି ରହିଥିବା ଆବଶ୍ୟକ। ଯଦି ଜମିର କାଗଜପତ୍ର ନ ଥିବ ତେବେ ସରକାର ସ୍କୁଲ ପାଇଁ ଆଦୌ ଅନୁମତି ଦେଇପାରିବେ ନାହିଁ। ଏପରିକି ଛାତ୍ରୀଛାତ୍ରଙ୍କ ଖେଳକୁଦ ପାଇଁ ସ୍କୁଲ ପରିସରରେ ଯଥେଷ୍ଟ ସ୍ଥାନ ରହିବା ବିଧେୟ। ଏହାକୁ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ମାନୁନାହାନ୍ତି। ଏପରିକି ଭଡ଼ାଘରେ ସ୍କୁଲ ଚାଲିଥିଲେ ହେଁ ତାକୁ ସ୍ୱୀକୃତି ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଅନଲାଇନରେ ସ୍ୱୀକୃତି ପାଇଁ ଆବେଦନ କରିଥିବା ସ୍କୁଲଗୁଡିକର ତଦନ୍ତ ଚାଲିଛି। ବିଇଓମାନଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ହେବା ପରେ ସମ୍ପୃକ୍ତ ସ୍କୁଲଗୁଡିକୁ ସିଓଆର୍ ପ୍ରଦାନ କରାଯିବ।

## ନୟାଗଡ଼ରେ ପୁଣି ୧୧ ପଜିଟିଭ୍ ଚିହ୍ନଟ

ନୟାଗଡ ଅଫିସ- ନୟାଗଡ଼ ଜିଲାରେ ରବିବାର ପୁଣି ୧୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ଅକ୍ରାନ୍ତଙ୍କ ସଂଖ୍ୟା ୩୪୧ରେ ପହଞ୍ଚିଛି। ରବିବାର ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରୁ ନୂଆଗାଁ ବ୍ଲକରୁ ଜଣେ, ଓଡଗାଁ ବ୍ଲକ କୁରାଳରୁ ୨, ସୁନାମୁହିଁରୁ ୫ ଓ ଶରଧାପୁରରୁ ଜଣେ, ନୟାଗଡ ଖୁଣ୍ଟୁବନ୍ଧରୁ ଜଣେ, ଖଣ୍ଡପଡା ବ୍ଲକ କଣ୍ଟିଲୋରୁ ଜଣେ ରହିଛନ୍ତି। ୧୧୮ଟି କେସ ସ୍ଥାନୀୟ ଅଞ୍ଚଳରୁ ବାହାରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ତୈଳବିଶୋଧନାଗାର ଚତୁଃପାର୍ଶ୍ୱରେ ୧୪୪ ଧାରା

ପାରାଦୀପ,୧୯।୭(ସ୍ୱ.ପ୍ର.): ପାରାଦୀପ ତୈଳବିଶୋଧନାଗାର ପ୍ରକଳ୍ପର ମେଣ୍ଟେନାନ୍ସ କାମ ଆସନ୍ତା ୨୫ରୁ ଅଗଷ୍ଟ ୧୫ ଯାଏ ଚାଲିବ। ସେଥିପାଇଁ ତୈଳବିଶୋଧନାଗାରକୁ ୨୫ରୁ ଅଗଷ୍ଟ ୧୫ ଯାଏ ଶଟ୍‌ଡାଉନ ଘୋଷଣା କରିଛନ୍ତି ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ତେବେ ଶଟ୍‌ଡାଉନ ପୂର୍ବରୁ ରବିବାର ତୈଳବିଶୋଧନାଗାର ଚତୁଃପାର୍ଶ୍ୱରେ ୧୪୪ ଧାରା ଲାଗୁ କରାଯାଇଛି। ଜିଲାପାଳ ମହାପାତ୍ର ଭିଡିଓ ବାର୍ତ୍ତା ଯୋଗେ ସୂଚନା ଦେଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ତୈଳବିଶୋଧନାଗାର ପାଖରେ ଥିବା ଏଲଆଣ୍ଡଟି ଲେବର କ୍ୟାମ୍ପ ଓ ସ୍ଥାନୀୟ ବଗଦିଆ ଗ୍ରାମରେ ଥିବା ଲେବରକ୍ୟାମ୍ପର ଲୋକମାନେ ନିୟମ ଉଲ୍ଲଂଘନ କରି ବାହାରେ ବୁଲାବୁଲି କରୁଛନ୍ତି। ସେଥିପାଇଁ ୧୪୪ ଧାରା ଲାଗୁ କରାଯାଇଛି। ଏହାକୁ ପାରାଦୀପ ଏଡିଏମ କାହ୍ନୁଚରଣ ଧୀର ପ୍ରତିଦିନ ତଦାରଖ କରିବେ। ଅନ୍ୟପକ୍ଷରେ ଏହି ଘୋଷଣାକୁ ନେଇ ଅଞ୍ଚଳର କେତେଜଣ ବ୍ୟକ୍ତିବିଶେଷ ପ୍ରଶ୍ନ ଉଠାଇଛନ୍ତି। ନିମିଡି ଗ୍ରାମର ବୁବୁ ମହାନ୍ତ କହିଛନ୍ତି, ଶଟଡାଉନ ସମୟରେ ତୈଳବିଶୋଧନାଗାର ମେଣ୍ଟେନାନ୍ସ ପାଇଁ ଠିକାସଂସ୍ଥାଗୁଡିକ ବାହାର ରାଜ୍ୟରୁ ଶ୍ରମିକ ଆଣୁଛନ୍ତି। ସେମାନଙ୍କୁ ବିରୋଧ କରାଯାଉଥିବାରୁ ପ୍ରଶାସନ ଆଗୁଆ କଟକଣା ଜାରି କରିଛନ୍ତି। ଗତିକୃଷ୍ଣ ଶତପଥୀ କୁହନ୍ତି, ବାହାର ରାଜ୍ୟ ଶ୍ରମିକଙ୍କ ପାଇଁ ପାରାଦୀପରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧିପାଇଛି। ତଥାପି ପ୍ରଶାସନ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଅଣଦେଖା କରି ଏପରି ବ୍ୟବସ୍ଥା ଗ୍ରହଣ କରିଛି। ପାରାଦୀପ ବିଜେଡି ସମାନ ପ୍ରସଙ୍ଗ ଉପରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛି। ଅପରପକ୍ଷେ ରବିବାର ପାରାଦୀପରୁ ୧୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ର ୧୫, ପଶ୍ଚିମବଙ୍ଗ ୧, ଝାଡ଼ଖଣ୍ଡ ୧, ଉତ୍ତରାଖଣ୍ଡ ୧ ଓ ତାମିଲନାଡୁର ଜଣେ ରହିଛନ୍ତି। ସେମାନେ ତୈଳବିଶୋଧନାଗାରକୁ ଆସିଥିବା ଶ୍ରମିକ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

### ଜେଲ ଗଲେ ବଳାତ୍କାର ଅଭିଯୁକ୍ତ

ନୟାଗଡ ଅଫିସ,୧୯।୭: ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର କରିବା ଅଭିଯୋଗରେ ଇଟାମାଟି ଥାନା ପୋଲିସ ଝାନ୍‌ସୀର ମୋହନ କୁମାର ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମୋହନଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଇଟାମାଟି ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଗତ ୩୦ ତାରିଖରେ ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ବି ଟେର୍ ମିଳି ନ ଥିଲା। ପରେ ଜଣାପଡିଥିଲା ମୋହନ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏନେଇ ଜୁନ ୩୦ରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ମିଳିଲାନି କେନାଲ ପାଣି, ମରିଲାଣି ତଳି

ଜଗତ୍‌ସିଂହପୁର ଅଫିସ,୧୯।୭

■ଖରିଫ୍ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା

■ଚିନ୍ତାରେ ଶତାଧିକ ଗାଁର ଚାଷୀ

ମାଛଗାଁ ମୁଖ୍ୟ କେନାଲର ୧୯(ଏ) ଡିଷ୍ଟ୍ରିବ୍ୟୁଟାରିରେ ପାଣି ଆସୁ ନ ଥିବାରୁ ଶତାଧିକ ଗାଁର ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଦିନେ ଦୁଇଦିନ ଭିତରେ କେନାଲରେ ପାଣି ଛଡ଼ା ନ ଗଲେ ଖରିଫ୍ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। କାରଣ ଜୁନ ଶେଷ ସୁଦ୍ଧା କେନାଲରେ ପାଣି ଆସିବା କଥା। କିନ୍ତୁ ଚଳିତବର୍ଷ ଏହି ଡିଷ୍ଟ୍ରିବ୍ୟୁଟାରିରେ ଏ ପର୍ଯ୍ୟନ୍ତ ପାଣି ଛଡ଼ାଯାଇ ନାହିଁ। ଅନ୍ୟପଟେ ଏବେ ଲଗାଣ ବର୍ଷା ମଧ୍ୟ ହେଉନାହିଁ, ଯେଉଁ କାରଣରୁ ବିଲରେ ତଳି ମରିବା ଆରମ୍ଭ କଲାଣି।

୧୯(ଏ)ଡିଷ୍ଟ୍ରିବ୍ୟୁଟାରିଟି ବିରିବାଟିରୁ ୩ କିଲୋମିଟର ତଳ ବୀରବରପାଟଣା, ରମ୍ଭାଦେଇପୁର ଦେଇ କେନ୍ଦାଳ, ମଧୁସୂଦନପୁର, କଣ୍ଟାପଡ଼ା, ଗାଲୁପଡ଼ା, ପୂରଣ, ଜୋତ, ଶାଳଜଙ୍ଗ, କାଂସ, ଦେଭୋଗ ଓ ଖଇରଙ୍ଗ ଦେଇ ପାଖାପାଖି ୨୨ କିଲୋମିଟର ଲମ୍ବିଛି। ଏହି କେନାଲ ଦ୍ୱାରା ୨୧୨୩ ହେକ୍ଟର କ୍ଷେତ୍ର ଜଳସେଚିତ ହୁଏ। ଜୋତ, ସାଳଜଙ୍ଗ ଓ କାଂସ ଗ୍ରାମର ତିଲକ କୁମାର ମହାରଣା, ପ୍ରମୋଦ କୁମାର ଦାସ, ଉତ୍ତମ ପୃଷ୍ଟି, ରାମଚନ୍ଦ୍ର ମୁଦୁଲି, ସନ୍ତୁ ମହାପାତ୍ର, ଶିବ ଚରଣ ପାତ୍ର, ବଳରାମ ମୁଦୁଲି, ବଟକୃଷ୍ଣ ପାତ୍ର, ରବୀନ୍ଦ୍ର ମଲ୍ଲିକ, ହେରେକୃଷ୍ଣ ମହାନ୍ତି, ଝରୀ ପୃଷ୍ଟି, ଦୀନବନ୍ଧୁ ମଲ୍ଲିକ,



ତଳିଘେରା ଶୁଖିଲା ପଡ଼ିଛି।

ବଇଜ ଦାସ ପ୍ରମୁଖ କହିଛନ୍ତି, ଜୁନ ୨୦ ଭିତରେ ତଳି ପଡ଼ିଥିଲା। ଏବେ ଏହା ବଡ଼ ହୋଇଗଲାଣି। ରୁଆ ହୋଇଯିବା କଥା। କିନ୍ତୁ କେନାଲରେ ପାଣି ନ ଥିବାରୁ ସେମାନେ ତଳି କିପରି ବଞ୍ଚିବ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏପରି କି କେହିକେହି ସେମାନଙ୍କ ବିଲ ନିକଟରେ ଥିବା ଗଡିଆ, ପୋଖରୀରୁ ବାଲ୍‌ଟିରେ ପାଣି ନେଇ ତଳି ବଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଅଧିକାଂଶ ଚାଷୀ ହାତ ଟେକି ଦେଇଛନ୍ତି। ଏବେ ବିଲ ଶୁଖି ଯାଇଥିବାରୁ କେନାଲ ପାଣି ନ ଆସିଲେ ପରିସ୍ଥିତି ଜଟିଳ ରୂପ ନେବା ସମ୍ଭାବନା ସୃଷ୍ଟି କରିଛି। ଏପରି କି ଆଉ କେଇଟା ଦିନ ଭିତରେ ସମସ୍ତ ତଳି ମରିଯିବ।

ସମସ୍ୟା ସମ୍ପର୍କରେ ଜଗତ୍‌ସିଂହପୁର ଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ କହିଛନ୍ତି, ବିରିବାଟୀର ୩ କିଲୋମିଟର ତଳ ଅର୍ଥାତ ଘୋଳପୁର ନିକଟରେ ପ୍ରତିବର୍ଷ ଦଳ ଲାଗେ। ଏହି ଦଳ ମାଛଗାଁ ଓ ତାଳଦଣ୍ଡା କେନାଲକୁ ବାଣ୍ଟି ହୋଇଯାଏ। କିନ୍ତୁ ଚଳିତବର୍ଷ ଅଧିକ ଦଳ ମାଛଗାଁ କେନାଲରେ ଯାଇ ଜାମ କରିଦେଇଛି। ଯଦିଓ ଜୁନ ଶେଷରେ ମୁଖ୍ୟ କେନାଲରେ ପାଣି ଛଡାଯାଇଛି, କିନ୍ତୁ ୧୯(ଏ) ଡିଷ୍ଟ୍ରିବ୍ୟୁଟାରିରେ ଯାଇପାରୁ ନାହିଁ। କାରଣ ୧୯(ଏ)ର ଶଯ୍ୟା ପତ୍ତନ ଉଚ୍ଚ ସାଙ୍ଗକୁ ଦଳ ସମସ୍ୟା ସୃଷ୍ଟି କରିଛି। ତେଣୁ ବଡ଼ ହିଟାଚୀ ମେଶିନ ସାହାଯ୍ୟରେ ସଫେଇ କାର୍ଯ୍ୟ ଚାଲିଛି। ଆଉ ଦିନେ ଦୁଇଦିନ ମଧ୍ୟରେ ଦଳ ସଫା ହୋଇଗଲେ ଡିଷ୍ଟ୍ରିବ୍ୟୁଟୋରିରେ ପାଣି ଛଡ଼ାଯିବ।

ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ରଶ୍ମିରଞ୍ଜନ କହିଛନ୍ତି, ଖରିଫ୍‌ରେ ୭୦ରୁ ୮୦ ପ୍ରତିଶତ ଜମି କେନାଲ ଦ୍ୱାରା ଜଳସେଚିତ। ଜୁନ ଭିତରେ ଦଳ ସଫା ହେବା କଥା। କିନ୍ତୁ ଏବେ ଦଳ ସଫା କରିବା କଥା କହିବା ଠିକ୍ ନୁହେଁ। ମାଛଗାଁ କେନାଲରେ ୧୪୦୦ କ୍ୟୁସେକ୍ ପାଣି ଯିବା ପରିବର୍ତ୍ତେ ୮୦୦ କ୍ୟୁସେକ୍ ଯାଉଛି। ୧୯(ଏ)ରେ ମଧ୍ୟ କମ୍ ପାଣି ଯାଉଛି। ଏହାର ପ୍ରତିକାର ନ ହେଲେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ।

# ରାଷ୍ଟ୍ରପତି ପୁରସ୍କାର ପାଇବେ ୧୦ ସ୍ୱାଧୀନତା ସଂଗ୍ରାମୀ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ଅଗଷ୍ଟ ୯ କ୍ରାନ୍ତିଦିବସରେ ଓଡ଼ିଶାର ୧୦ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ମାନିତ କରିବେ। ହେଲେ କୋଭିଡ୍-୧୯ କଟକଣା ଯୋଗୁ ସ୍ୱାଧୀନତା ସଂଗ୍ରାମୀମାନେ ରାଷ୍ଟ୍ରପତି ଭବନକୁ ଯାଇପାରିବେ ନାହିଁ। ତେଣୁ ଜିଲାପାଳମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଘରକୁ ଯାଇ ସେମାନଙ୍କୁ ଅଙ୍ଗବସ୍ତ୍ର ଓ ଶାଲ୍ ସହ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିବେ। ସମ୍ମାନିତ ହେବାକୁ ଥିବା ସଂଗ୍ରାମୀମାନେ ହେଲେ ଯାଜପୁର ବଡ଼ଚଣା ବ୍ଲକ ବାଲିପଡ଼ିଆର ନୀଳମଣି ସାମଲ, ଭଦ୍ରକ ଧୁଷୁରି ସୂର୍ଯ୍ୟପୁର ଗ୍ରାମର ରାମହରି ଗୋସ୍ୱାମୀ

**ଘରକୁ ଯାଇ ସମ୍ମାନିତ କରିବେ ଜିଲାପାଳ**

ଓ ଗୌରହରି ଗୋସ୍ୱାମୀ, ଭଦ୍ରକ ଧାମନଗର ଅନ୍ତର୍ଗତ କମାରବନ୍ଧ ଗ୍ରାମର ବ୍ରଜକିଶୋର ରାଉତ, ନୟାଗଡ଼ ରଣପୁର ଅନ୍ତର୍ଗତ ମଝିଖଣ୍ଡ ଗ୍ରାମର ଈଶ୍ୱର ବିଶୋୟୀ ଓ କଣ୍ଟିଲୋର ସହଦେବ ବେହେରା, ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତର୍ଗତ ଭଗବାନସିନ୍ଧୋଳ ଗ୍ରାମର ବିଶ୍ୱନାଥ ଦାଶ, ସମ୍ବଲପୁର ଜିଲା ମୁରା ଅନ୍ତର୍ଗତ କଲମି ଗ୍ରାମର ଦେବାନନ୍ଦ ଗୁପ୍ତା, ଯାଜପୁର ଜିଲା କାଇପଦର ଦଧିଚି ସାହୁ ଏବଂ କେନ୍ଦ୍ରାପଡ଼ା ଜିଲା ହାଟବାଣପୁର ଗ୍ରାମର ମକରଧ୍ୱଜ ଦାସ।

## କେନାଲରେ ପାଣି ନ ଆସିଲେ ଧାରଣା

ବାଲିକୁଦା,୧୯।୭(ସ୍ୱ.ପ୍ର.)

କେନାଲ ପାଣିରେ ଚାଷ କରିବାକୁ ନିର୍ଭର କରୁଥିବା ଚାଷୀ ଏବେ ହାତ ବାନ୍ଧି ବସିଛନ୍ତି। ବାଲିକୁଦା ଅଞ୍ଚଳର ଚାଷୀ ଏପରି ଅଭିଯୋଗ କରିବା ସହ ଜଳସେଚନ ବିଭାଗ ପକ୍ଷରୁ କରାଯାଉଥିବା ଜଳ ଆବଣ୍ଟନ ବ୍ୟବସ୍ଥା ଉପରେ ଆପତ୍ତି ଉଠାଇଛନ୍ତି ଜଗତ୍‌ସିଂହପୁର ପାଣି ପଞ୍ଚାୟତ ମହାସଂଘ ସଭାପତି ପ୍ରକାଶ ରାୟ। ବାଲିକୁଦା ମୁଖ୍ୟ କେନାଲରେ ପାଣି ନ ପହଞ୍ଚିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟ କେନାଲରେ ପାଣି ନ ଆସିବାରୁ ଶାଖା କେନାଲ ଶୁଖିଲା ପଡିଛି। ଡିଷ୍ଟ୍ରିବ୍ୟୁଟାରି କେନାଲ ଗୁଡିକ କଥା ନ କହିବା ଭଲ। ମାଇନର ଓ ସବ୍‌ମାଇନର କେନାଲରେ ମଧ୍ୟ ପାଣି ନାହିଁ। ମଙ୍ଗଳବାର ସୁଦ୍ଧା କେନାଲରେ ପାଣି ନ ପହଞ୍ଚିଲେ ଜଗତ୍‌ସିଂହପୁର ଜଳସେଚନ ବିଭାଜନ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାରରୁ ଧାରଣା ଦିଆଯିବ ବୋଲି ରାୟ ଚେତାବନୀ ଦେଇଛନ୍ତି।

# ହାଟବାଣପୁର ଗ୍ରାମ କଣ୍ଟେନ୍‌ମେଣ୍ଟ୍ ଜୋନ୍

ଡେରାବିଶ,୧୯।୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଅନ୍ତର୍ଗତ ହାଟବାଣପୁର ଗ୍ରାମରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ସରପଞ୍ଚ ଅମୃତରାଜ ବେହେରା ଏହି ଗ୍ରାମକୁ ୪୮ ଘଣ୍ଟା ପାଇଁ କଣ୍ଟେନ୍‌ମେଣ୍ଟ୍ ଜୋନ ଘୋଷଣା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେ କହିଛନ୍ତି। ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ସୂଚନା ଅନୁଯାୟୀ, ଏହି ଗ୍ରାମର ଜଣେ ଯୁବକ ଭୁବନେଶ୍ୱରସ୍ଥିତ ଏକ ଥାନାରେ ପୋଲିସ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଗତ ୧୫ ତାରିଖରେ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୧୬ ତାରିଖରେ ସମ୍ପୃକ୍ତ ଯୁବକ ହାଟବାଣପୁରକୁ ଆସିଥିଲେ। ଶନିବାର ରାତିରେ ଭୁବନେଶ୍ୱରରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ସେ ଫେରି ଯାଇଥିଲେ । ରବିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସମ୍ପୃକ୍ତ ଯୁବକ ଗ୍ରାମରେ ଆସି ୩ ଦିନ ରହିଥିବାରୁ ଏହାକୁ କଣ୍ଟେନମେଣ୍ଟ୍ ଜୋନ ଘୋଷଣା କରାଯାଇଛି।



ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପାଚେରୀ ନିକଟରେ ଥିବା ବିଦ୍ୟୁତ ସବଷ୍ଟେଶନ ଉପରେ ଲତା ମାଡ଼ିଯାଇଛି। ବର୍ଷା ସମୟରେ ଆର୍ଥିଂ ସୃଷ୍ଟି ହୋଇ ବିଦ୍ୟୁତ୍ ସରବରାହରେ ବାଧା ଉପୁଜୁଛି।

## ୭ ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୧୯।୭

କେନ୍ଦ୍ରାପଡା ଜିଲାରେ ରବିବାର ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪୮ରେ ପହଞ୍ଚିଛି । ଏହି ୭ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ କେନ୍ଦ୍ରାପଡା ସହର ୧୫ ନଂ ୱାର୍ଡର ହୋଇଥିବା ବେଳେ ଅନ୍ୟମାନେ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିଲେ । ଆକ୍ରାନ୍ତମାନଙ୍କୁ ଚିକିତ୍ସା ନିମନ୍ତେ କୋଭିଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି । ସେ କହିଛନ୍ତି, ସହରର ୧୫ ନଂ ୱାର୍ଡକୁ ବିଶୋଧିତ କରାଯାଇଛି । ଏଥିସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଲାବୋରୋଟୋରିକୁ ପରୀକ୍ଷା ପାଇଁ ପଠାଯାଇଛି । ଅଦ୍ୟାବଧି ଜିଲାରେ ୨୯୩ ଜଣ ସୁସ୍ଥ ହୋଇଥିବା ବେଳେ ଏପଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇନି ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ପୂର୍ବରୁ ଜିଲାରେ ୨ ପଜିଟିଭଙ୍କ ମୃତ୍ୟୁ ଘଟିଛି।

# ମିଠା କାରିଗର ଏବେ ପରିବା ବ୍ୟବସାୟୀ

ରସୁଲପୁର, ୧୯।୭ (ଡି.ଏନ୍.ଏ.)

କରୋନା ସବୁବର୍ଗ ଲୋକଙ୍କୁ ପ୍ରଭାବିତ କରିଛି। ଦିନ ମଜୁରିଆ, ଶ୍ରମିକ, କାରିଗର, କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ବାହାର ରାଜ୍ୟ ବା ଦେଶରେ ରହି କାର୍ଯ୍ୟ କରୁଥିବା ପ୍ରବାସୀ ଓଡ଼ିଆ ଶ୍ରମିକ ମଧ୍ୟ ଗାଁକୁ ଫେରିଆସିଛନ୍ତି। ଏଭଳି ପରିସ୍ଥିତିରେ ସବୁ ସମୟରେ କରୋନା ସଂକ୍ରମଣ ଭୟ ରହିଥିଲା ବେଳେ କାମଧନ୍ଦା ହରାଇ ଅନେକ ଲୋକ ରୋଜଗାର ଚିନ୍ତାରେ ରହିଛନ୍ତି। ଅନେକ ଲୋକ ବୃତ୍ତି ବଦଳାଇ ରୋଜଗାର କରିବାକୁ ଉଦ୍ୟମ ଚଳାଇଥିବା ଦେଖାଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ଜଣେ ଦକ୍ଷ ମିଠା କାରିଗର ଭାବେ କଲିକତାରେ କାର୍ଯ୍ୟ କରୁଥିବା ଗ୍ରାମର ଭରତ ନାୟକ ଏବେ ପରିବା ବ୍ୟବସାୟ କରୁଛନ୍ତି। ଭରତ କହିଛନ୍ତି,

**ଭରତଙ୍କ ବେଉସା ବଦଳାଇ ଦେଲା କରୋନା**



ବାରବାଟୀ ହାଟରେ ଭରତ ପରିବା ବିକ୍ରି କରୁଛନ୍ତି।

ସେ ୧୫ବର୍ଷ ହେବ କଲିକତାରେ ମିଠା କାମ କରୁଥିଲେ। କରୋନା ସଂକ୍ରମଣ ବଢ଼ିବା ପରେ ଗାଁକୁ ଚାଲି ଆସିଲେ। ୩ମାସ ଘରେ ବସିବା ପରେ ପରିବାର ପ୍ରତିପୋଷଣ ପାଇଁ ସେ ପରିବା ବ୍ୟବସାୟ ଆରମ୍ଭ କରିଛନ୍ତି। ପ୍ରତିଦିନ ସେ ବାରବାଟୀ ହାଟରେ ପରିବା ବିକ୍ରି କରୁଛନ୍ତି। ଏହାଛଡ଼ା ସେ ବଙ୍ଗଳା ଭାଷା ଭଲଭାବରେ କହିପାରିଥିବାରୁ ୧୬ ନଂ. ଜାତୀୟ ରାଜପଥ ଦେଇ ଯାଉଥିବା ବଙ୍ଗାଳୀ ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିପାରିଛନ୍ତି। କରୋନା ଦ୍ୱାରା ପ୍ରଭାବିତ କ୍ଷୁଦ୍ର ବ୍ୟବସାୟୀ, ଶ୍ରମିକ, କାରିଗରମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ସରକାର ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ ବି ଏହା କେବେ ମିଳିବ ତାହା ସେ ଜାଣିନାହାନ୍ତି ବୋଲି କହିଛନ୍ତି।

## କରୋନା ଯୋଦ୍ଧାଙ୍କୁ ସୁରକ୍ଷା କିଟ୍ ପ୍ରଦାନ ଦାବି

ଖଣ୍ଡପଡା,୧୯।୭(ସ୍ୱ.ପ୍ର.)

କରୋନାକୁ ପ୍ରତିହତ ପାଇଁ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଗଣମାଧ୍ୟମ ପ୍ରତିନିଧି ସଂଗ୍ରାମ ଜାରି ରଖିଛନ୍ତି। ତେବେ କର୍ତ୍ତବ୍ୟ ସମ୍ପାଦନବେଳେ କରୋନା ଯୋଦ୍ଧାମାନେ ସଂକ୍ରମିତ ହେଉଥିବାରୁ ଉଦ୍‌ବେଗ ପ୍ରକାଶପାଉଛି। ନୟାଗଡ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ରୟତଡୋଲମରା ପଞ୍ଚାୟତର ଜଣେ ଖବରଦାତା ସଂକ୍ରମିତ ହୋଇଥିବାରୁ ଖବରଦାତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ସମସ୍ତବର୍ଗର ବ୍ୟକ୍ତିବିଶେଷଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସୁରକ୍ଷାକର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା କିଟ ଯୋଗାଇ ଦେବା ନିମନ୍ତେ ଖଣ୍ଡପଡାର ଭାଜପା ନେତ୍ରୀ ଇଂ ଅର୍ଚ୍ଚନା ଦାଶ ଓ ଅନ୍ୟମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଚାଷ କାର୍ଯ୍ୟରୁ ମୁହଁ ଫେରାଉଛନ୍ତି ଚାଷୀ

ଧର୍ମଶାଳା, ୧୯।୭ (ଡି.ଏନ୍.ଏ.)

**ଧର୍ମଶାଳା ବ୍ଲକ**

■କୃଷି ବିଭାଗର ଅସହଯୋଗ, ଜଳ ସେଚନ ମୁଖ୍ୟ ସମସ୍ୟା

କୃଷି ଓ କୃଷକମାନଙ୍କ ପାଇଁ ସରକାର କରୁଥିବା ଅନେକ ଯୋଜନାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାରୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ଶତାଧିକ ଏକର ଚାଷଜମି ପଡ଼ିଆ ପଡୁଛି। ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଖରିଫ ଋତୁରେ ବହୁ କମ୍ ଜମିରେ ଚାଷ ହୋଇଥିବା ଜଣାପଡ଼ିଛି।

୨୦୧୮ ମସିହା ଖରିଫ ଋତୁରେ ବ୍ଲକ ଅଞ୍ଚଳରେ ୧୩,୦୬୫ ହେକ୍ଟର ଜମିରେ ଖରିଫ ଫସଲ କରାଯାଇଥିବା ବେଳେ ୨୦୧୯ରେ ୧୨,୮୦୦ ହେକ୍ଟର ଏବଂ ଚଳିତବର୍ଷ ଏହି ସଂଖ୍ୟା ୧୨,୦୩୫ ହେକ୍ଟରକୁ ହ୍ରାସ ପାଇଛି। ବ୍ଲକର ୨୭ ଭାଗ ଜମି ଜଳସେଚିତ ହେଉଥିବା ବେଳେ ଅବଶିଷ୍ଟ ଜମିରେ ଚାଷ କାର୍ଯ୍ୟ ପାଇଁ ଚାଷୀମାନେ ବର୍ଷାଜଳ ଉପରେ ନିର୍ଭର କରନ୍ତି। ତେବେ ଶ୍ରମିକଙ୍କ ମଜୁରୀ ବୃଦ୍ଧି, ଜଳସେଚନ, କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର ସାର, ବିହନ ଯୋଗାଇ ଦିଆ ନ ଯିବା ମୁଖ୍ୟ ସମସ୍ୟା ପାଲଟିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ଅନେକ ଚାଷୀ ଚାଷ କାର୍ଯ୍ୟ କରିବାକୁ ମନ ବଳାଉ ନାହାନ୍ତି। ଚଳିତବର୍ଷ ଧାନ ଚାଷ ପାଇଁ ୧୧,୧୨୫ ହେକ୍ଟର, ପନିପରିବା ଓ ନଳିତା ଚାଷ ପାଇଁ ୯୧୦ ହେକ୍ଟର ମୋଟ ୧୨,୦୩୫ ହେକ୍ଟର ଜମିରେ ଚାଷ କାର୍ଯ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବ୍ଲକର ରଥିଆ ମୌଜାରେ ଶହେ ହେକ୍ଟର ଜମିରେ ମୃଣାଳିନୀ ଧାନ ଧାଡ଼ିରୁଆ ପାଇଁ କୃଷି ବିଭାଗ ପକ୍ଷରୁ ୧୦୦ଜଣ ଚାଷୀଙ୍କୁ ୪୦ କୁଇଣ୍ଟାଲ ବିହନ ମାଗଣାରେ ଯୋଗାଇ ଦିଆଯାଇଛି। ଏହି ଚାଷୀମାନଙ୍କୁ ମାଗଣାରେ ଅଣୁ ସାର ଏବଂ ଔଷଧ ଯୋଗାଇ ଦିଆଯିବ। ଏଥିସହିତ ଚାଷୀମାନଙ୍କୁ ହେକ୍ଟର ପିଛା ୧୨୫୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଧର୍ମଶାଳା ଅତିରିକ୍ତ କୃଷି ଅଧିକାରୀ ପଲ୍ଲବୀ ନାୟକ ସୂଚନା ଦେଇଛନ୍ତି। ଧର୍ମଶାଳା ଅଞ୍ଚଳରେ ଥିବା ପ୍ରମୁଖ ଚାଷୀମାନଙ୍କ ସହ କୃଷି ବିଭାଗ ସମନ୍ୱୟ ରକ୍ଷା କରି ଚାଷୀଙ୍କୁ ପ୍ରୋତ୍ସାହନ ଦିଆଗଲେ ବ୍ଲକ ଅଞ୍ଚଳରେ ଚାଷୀମାନେ ଚାଷକାର୍ଯ୍ୟ ପ୍ରତି ମନ ବଳାଇବେ ବୋଲି କୃଷକ ନେତା ବସନ୍ତ ପରିଡ଼ା, ନେତ୍ରାନନ୍ଦ ଦାସ, କେଶବ ପାଳ, ବିଦ୍ୟାଧର ପରିଡା ପ୍ରମୁଖ ଚାଷୀ କହିଛନ୍ତି।

# ନୟାଗଡ଼ ଚିନିକଳର ସୁରକ୍ଷା ଢିଲା

ନୟାଗଡ ଅଫିସ,୧୯।୭

କାମଚଳା ସୁରକ୍ଷାରେ ଚାଲିଛି ନୟାଗଡ଼ ପାଣିପୋଇଲାସ୍ଥିତ ପରିତ୍ୟକ୍ତ ଚିନିକଳ। ଏହାରି ସୁଯୋଗରେ ଦୁର୍ବୃତ୍ତ ବିଭିନ୍ନ ସମୟରେ ଚିନିକଳ ପରିସରରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଚୋରି କରିବାରେ ସଫଳ ହେଉଛନ୍ତି। ହେଲେ ଏନେଇ ପୋଲିସ ଓ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ନାହିଁ। ବରଂ ଚିନିକଳ କର୍ମଚାରୀ ଓ ଚିନିକଳ କ୍ରିୟାନୁଷ୍ଠାନ କମିଟି ବିଭିନ୍ନ ସମୟରେ ଚୋରକୁ ଧରି ପୋଲିସ ଜିମା ଦେଉଥିବା ନଜିର ରହିଛି। ଏଭଳି ସ୍ଥିତି ଲାଗି ରହିଲେ ସମୟ ଆସିବ ଚିନିକଳ ପରିସରରୁ ସମସ୍ତ ଯନ୍ତ୍ରାଂଶ ଓ ମୂଲ୍ୟବାନ ଶାଗୁଆନ ଜଙ୍ଗଲ ପଦା ହୋଇଯିବ। ତେଣୁ ଏ ଦିଗରେ ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

୧୯୮୮ରେ ସ୍ଥାପିତ ଚିନିକଳକୁ ୨ବର୍ଷ ସମବାୟ ବିଭାଗ ଚାଲୁ କରିଥିଲା। ତେବେ କ୍ଷତି ହେବାରୁ ଏହାକୁ ୧୯୯୦ରେ ଧରଣୀ ସୁଗାର୍ସ ନେଇଥିଲା। ୧୦ ବର୍ଷ ଚାଲୁ ପରେ ଧରଣୀ ସୁଗାର୍ସ ହଟି ଯାଇଥିଲା। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଚିନିକଳ ବନ୍ଦ ଥିଲା। ୨୦୦୪ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ଦାୟିତ୍ୱ ନେଇ



ବନ୍ଦ ହୋଇ ପଡ଼ିଥିବା ଚିନିକଳ।

୨୦୧୪ ପର୍ଯ୍ୟନ୍ତ ଚଲାଇଥିଲା। ୨୦୧୫ରୁ ଚିନିକଳରେ ତାଲା ଝୁଲୁଛି। ବହୁ ଚାଷୀ ଆଖୁ ଟଙ୍କା ପାଇ ନାହାନ୍ତି। ଏଭଳିସ୍ଥଳେ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ୍ ରାଉତ୍ ଓ ନୟାଗଡ ତହସିଲଦାର ଭିକାରୀ ସାହୁଙ୍କ ଉପସ୍ଥିତିରେ ମାର୍ଚ୍ଚ ୧୨ରେ ଚିନିକଳରେ ଥିବା ଉପକରଣର ତଦାରଖ ଓ ଆକଳନ କରାଯାଇଥିଲା। ଆସ୍କା ଚିନିକଳର ୨ଜଣିଆ ବୈଷୟିକ ଟିମ୍ ପ୍ରସ୍ତୁତ କରିଥିଲେ ସମ୍ପତ୍ତି ତାଲିକା। ପରେ ଚିନିକଳକୁ ସିଲ୍ କରା ଯାଇଥିଲା। ଗୋଟିଏ ଚାବି ବ୍ୟାଙ୍କ ଓ ଅନ୍ୟ ଚାବି ଜିଲା ପ୍ରଶାସନ ନିକଟରେ ରହିଥିଲା। ସିଲ୍ ହେବାର ୪ମାସ ପରେ ବି ପୋଲିସ ସୁରକ୍ଷା ନ ଥିଲା। ଚିନିକଳର ସୁରକ୍ଷା ଦାୟିତ୍ୱରେ ଥିବା କିଛି ସୁରକ୍ଷା କର୍ମଚାରୀଙ୍କୁ ନିୟୋଜିତ କରାଇ ପରେ ବିଦା କରି ଦିଆଯାଇଥିଲା। ଏବେ ସୁରକ୍ଷା କର୍ମଚାରୀଙ୍କ ସ୍ଥାନରେ କେତେଜଣ ହୋମଗାର୍ଡଙ୍କୁ ଲୋକ ଦେଖାଣିଆ ଦାୟିତ୍ୱ ଟେକି ଦିଆଯାଇଛି। ଯେଉଁମାନେ କି ମଝିରେ ମଝିରେ ଚିନିକଳ ସମ୍ମୁଖକୁ ଯାଇ କାମଚଳା ଭାବେ ଦାୟିତ୍ୱ ଶେଷ କରି ଦେଉଛନ୍ତି। ବାରମ୍ବାର ଚୋରି ସତ୍ତ୍ୱେ ଚିନିକଳର ସୁରକ୍ଷାକୁ ବଢ଼ାଇବ ବଦଳରେ ଢ଼ିଲା କରାଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଚିନିକଳ ଭିତରେ ଓ ଷ୍ଟୋର ରୁମ୍‌ରେ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ରହିଛି। ଯନ୍ତ୍ରାଂଶ ଗୁଡିକୁ ପଛ ପାଖ ଜଙ୍ଗଲିଆ ରାସ୍ତାରେ ଚୋରି ଚାଲିଛି। ପୁଣି ଚିନିଶିଳ୍ପ ଭିତର ଜଙ୍ଗଲରେ ଅନେକ ମୂଲ୍ୟବାନ ଶାଗୁଆନ, ଶାଳ ଗଛର ୧୩୩ ଏକର ଜଙ୍ଗଲ ରହିଛି। ଏହାର ସୁରକ୍ଷା

■ବଢ଼ିଚାଲିଛି ଚୋରି, ବନ୍ଦର ସୁଯୋଗ ନେଉଛନ୍ତି ଦୁର୍ବୃତ୍ତ

■ପୋଲିସ, ପ୍ରଶାସନ ଦୃଷ୍ଟି ନ ଦେଲେ ସବୁ ଖାଲି ହୋଇଯିବ

ଜରୁରୀ ହୋଇଥିଲେ ହେଁ ପ୍ରଶାସନ ଓ ପୋଲିସ ଅଣଦେଖା କରୁଥିବା ଅଭିଯୋଗ ରହିଛି। ଯାହା ବିଭିନ୍ନ ଚୋରି ପରେ ପ୍ରମାଣିତ ହୋଇଛି। ଚିନିକଳ କର୍ମଚାରୀ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସୂଚନା ଅନୁସାରେ, ଚିନିକଳରୁ ଅଧିକାଂଶ ସମୟରେ ଚୋରି ହେଉଛି। ୧୪ ତାରିଖରେ ଏକ ବଡ଼ ଧରଣର ଚୋରି ହୋଇଥିଲା। ତଥାପି ପ୍ରଶାସନ ଚୋରି ରୋକିବାରେ ପ୍ରାଧାନ୍ୟ ଦେଉନି। ଚୋରି ସମ୍ପର୍କରେ ଲୋକେ ଅଭିଯୋଗ କରୁଛନ୍ତି। ଆଗକୁ ସୁରକ୍ଷା ଢିଲା ହେଲେ ସବୁ କିଛି ଚୋରି ହୋଇଯିବ। ଏ ସମ୍ପର୍କରେ ସଦର ଥାନା ଆଇଆଇସି ରିନାରାଣୀ ସାହୁ କହିଛନ୍ତି, ଚିନିକଳର ସୁରକ୍ଷାକୁ ଅଣଦେଖା କରାଯାଉନି। ଚୋରି ସମ୍ପର୍କରେ ଖବର ମିଳିଲେ ତୁରନ୍ତ ପଦକ୍ଷେପ ନିଆଯାଉଛି।

